بسم اللہ الرحمٰن الرحیم

**ଖୁତବା ଜୁମା ୧୪ ଅଗଷ୍ଟ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଦୁଇ ସପ୍ତାହ ପୂର୍ବରୁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ଚର୍ଚ୍ଚା ଚାଲିଥିଲା ସେହି କ୍ରମରେ ମୁଁ ଆଜି ତାଙ୍କ ସଂପର୍କିତ ଅବଶିଷ୍ଟ ତଥ୍ୟର ଆଲୋଚନା କରିବି । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ କହନ୍ତି ଯେ, ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ ର.ଅ ରସୁଲ୍ କରୀମ୍ ସ.ଅଙ୍କ ବିଶିଷ୍ଟ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ । ହଜ଼ରତ୍ ଉମର୍ ର.ଅ ନିଜ ଖିଲାଫତ୍ ସମୟ କାଳରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ ର.ଅଙ୍କୁ ଇରାନୀୟ ସୈନ୍ୟର ମୁକାବିଲା ପାଇଁ ଇସ୍‌ଲାମୀୟ ସୈନ୍ୟ ଦଳର ସେନାପତି କରି ପ୍ରେରଣ କରିଥିଲେ । ଦୈବାତ୍ ତାଙ୍କ ଜଂଘରେ ଏକ ବଥ ବାହାରି ପଡ଼ିଲା ଯାହାକି ଦୀର୍ଘ ସମୟ ଧରି ତାଙ୍କୁ ବ୍ୟଥିତ କରିଥିଲା । ସେ ସମସ୍ତ ପ୍ରକାରର ଚିକିତ୍ସା କରାଇଲେ କିନ୍ତୁ ତାହା ଫଳପ୍ରଦ ହୋଇ ନଥିଲା । ପରିଶେଷରେ ସେ ଏହା ବିଚାର କଲେ, ଯଦି ମୁଁ ଶଯ୍ୟାରେ ପଡ଼ି ରୁହେ ତେବେ ମୋର ସୈନ୍ୟଦଳ ମୋତେ ଦେଖି କହିବେ ଯେ, ଆରେ ଆମମାନଙ୍କର ସେନାପତି ତ' ନାହାନ୍ତି ଆମେ ଯୁଦ୍ଧ କିପରି କରିବୁ ? ଏପରି ସେମାନେ ହତୋତ୍ସାହିତ ହୋଇଯିବେ । ତେଣୁ ସେ ଅର୍ଶା (ମଞ୍ଚ) ତିଆରି କଲେ, ସେ ସେହି ଅର୍ଶା ଉପରେ ଲୋକଙ୍କ ସାହାଯ୍ୟରେ ବସି ଯାଉଥିଲେ । କାରଣ ମୁସଲମାନମାନେ ଯେପରି ତାଙ୍କୁ ଦେଖି ପାରିବେ ଏବଂ ସୈନ୍ୟ ଦଳକୁ ଏହା ଆଶ୍ୱସ୍ତି ମିଳିବ ଯେ, ସେମାନଙ୍କର ସେନାପତି ସେମାନଙ୍କ ସହିତ ଅଛନ୍ତି । ସେହି ଦିନ ତାଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ଯେ, ଆରବର ଜଣେ ଅଧିପତି ମଦ୍ୟପାନ କରିଛନ୍ତି, ସେତେବେଳେ ସେ ସେହି ମଦ୍ୟପଙ୍କୁ ବନ୍ଦୀ କରିଥିଲେ । ନିଃସନ୍ଦେହରେ କହିବାକୁ ଗଲେ ସେହି ବ୍ୟକ୍ତିର ବିଶ୍ୱାସ ଦୁର୍ବଳ ରହିଥିଲା । ତେଣୁ ସେ ମଦ୍ୟପାନ କରିଥିଲା । କିନ୍ତୁ ସେ ଅତ୍ୟନ୍ତ ବୀର ଓ ସାହାସୀ ବ୍ୟକ୍ତି ଥିଲା ଏବଂ ଇସ୍‌ଲାମ୍ ପ୍ରତି ଉନ୍ମାଦନା ତା' ଭିତରେ ପୂରି ରହିଥିଲା । ଯୁଦ୍ଧ ସମୟରେ ଯେତେବେଳେ ତାକୁ ଏହି ସୂଚନା ମିଳିଥିଲା ଯେ, ମୁସଲମାନମାନଙ୍କର ବହୁତ କ୍ଷତି ହୋଇଛି ସେତେବେଳେ ସେ କୋଠରୀ ଭିତରେ ଏଭଳି ବିଚରଣ କରିବାକୁ ଲାଗିଥିଲା ଯେପରି ସିଂହ ଜନ୍ତା ଭିତରେ ବିଚରଣ କରିଥାଏ । ବିଚରଣ କରୁ କରୁ ସେ ନିଜ ବିବେକକୁ ସମ୍ବୋଧିତ କରି ଏହି କବିତାଟି ପଢୁଥିଲା ଯାହାର ଅର୍ଥ ଏହା ଥିଲା ଯେ, "**ତୋ ପାଖରେ ଆଜି ଏକ ସୁବର୍ଣ୍ଣ ସୁଯୋଗଟିଏ ଥିଲା ଯେ, ତୁ ଇସ୍‌ଲାମ୍‌ର ସୁରକ୍ଷା କରିପାରି ଥାଆନ୍ତୁ ଏବଂ ନିଜର ସାହାସିକତା ପ୍ରଦର୍ଶନ କରିଥାଆନ୍ତୁ କିନ୍ତୁ ତୁ ତ' ବନ୍ଦୀ ।**" ହଜ଼ରତ୍ ସାଆଦ୍ ର.ଅଙ୍କ ସ୍ତ୍ରୀ ଅତ୍ୟନ୍ତ ସାହାସୀ ମହିଳା ଥିଲେ, ସେ ଉକ୍ତ କବିତାକୁ ଶୁଣି ନେଲେ ଏବଂ ସେହି ବନ୍ଦୀକୁ ସମ୍ବୋଧିତ କରି କହିଲେ, "ତୁ ଜାଣିଛୁ କି ହଜ଼ରତ୍ ସାଆଦ୍

ତୋତେ କାହିଁକି ବନ୍ଦୀ କରିଛନ୍ତି ? ଯଦି ତାଙ୍କୁ ଜ୍ଞାତ ହୋଇଗଲା ଯେ, ମୁଁ ତୋତେ ମୁକ୍ତ କରି ଦେଇଛି ତେବେ ସେ ମୋତେ କଦାପି କ୍ଷମା ଦେବେ ନାହିଁ । କିନ୍ତୁ ମୋର ଇଚ୍ଛା ହେଉଛି ଯେ, ମୁଁ ତୋତେ କାରାମୁକ୍ତ କରି ଦିଆନ୍ତି । କାରଣ ତୁ ସ୍ୱଇଚ୍ଛାରେ ଯେପରି ଇସ୍‌ଲାମ୍‌ର କାମରେ ଆସିପାରିବୁ । ସେ ଉତ୍ତର ଦେଲା ବର୍ତ୍ତମାନ ଯେଉଁ ଯୁଦ୍ଧ ଚାଲିଛି ସେଥିପାଇଁ ଆପଣ ମୋତେ ମୁକ୍ତ କରି ଦିଅନ୍ତୁ । ମୁଁ ଆପଣଙ୍କୁ ଏହି ପ୍ରତିଶୃତି ଦେଉଛି ଯେ, ଯୁଦ୍ଧ ପରେ ମୁଁ ଶୀଘ୍ର ଫେରି ଆସିବି ଏବଂ ଏହି ବନ୍ଦୀ ଗୃହରେ ଆସି ପ୍ରବେଶ କରିବି । ସାଆଦ୍ ର.ଅଙ୍କ ସ୍ତ୍ରୀଙ୍କ ମନରେ ଇସ୍‌ଲାମ୍ ପ୍ରତି ସହାନୁଭୂତି ଥିଲା ଏବଂ ତା'ର ସୁରକ୍ଷା ଲାଗି ଉତ୍ସାହ ଦେଖିବାକୁ ମିଳୁଥିଲା । ସେଇଥି ପାଇଁ ସେ ସେହି ବ୍ୟକ୍ତିକୁ ବନ୍ଦୀରୁ ମୁକ୍ତ କରିଦେଲେ । ସୁତରାଂ ଉକ୍ତ ବ୍ୟକ୍ତି ଯୁଦ୍ଧରେ ସାମିଲ୍ ହେଲା ଏବଂ ଏଭଳି ନିର୍ଭୀକ ଏବଂ ବୀରତ୍ୱର ସହ ଲଢିଲା କି ତା'ର ସାହାସିକତା ଯୋଗୁଁ ଇସ୍‌ଲାମୀୟ ସୈନ୍ୟଦଳ ପଛଘୁଞ୍ଚା ପରିବର୍ତ୍ତେ ଆଗକୁ ଅଗ୍ରସର ହେଲା । ସାଆଦ୍ ର.ଅ ତା'କୁ ଚିହ୍ନି ନେଲେ ଏବଂ ପରେ କହିଲେ ଯେ, ଆଜି ଯୁଦ୍ଧରେ ସେହି ବ୍ୟକ୍ତି ଉପସ୍ଥିତ ଥିଲା ଯାହାକୁ ମୁଁ ମଦ୍ୟପାନ କରିବା ଅଭିଯୋଗରେ ବନ୍ଦୀ କରିଥିଲି । ଉକ୍ତ ବ୍ୟକ୍ତି ଜଣକ ମୁହଁରେ ମୁଖା ପିନ୍ଧି ଥିଲା । କିନ୍ତୁ ମୁଁ ତା'ର ଆକ୍ରମଣ ଶୈଳୀ ଏବଂ ଉଚ୍ଚତା ସହ ଭଲ ଭାବରେ ପରିଚିତ । ସୁତରାଂ ମୁଁ ସେହି ବ୍ୟକ୍ତିକୁ ଖୋଜିବି ଯିଏ ତା'କୁ କାରାମୁକ୍ତ କରିଛି ଏବଂ ତା'କୁ କଠୋର ଦଣ୍ଡ ଦେବି । ଯେତେବେଳେ ହଜ଼ରତ୍ ସାଆଦ୍ ର.ଅ ଉକ୍ତ ପଦ କହିଲେ ସେତେବେଳେ ତାଙ୍କ ସ୍ତ୍ରୀ କ୍ରୋଧିତ ହୋଇଗଲେ ଏବଂ ସେ କହିଲେ ତୁମକୁ ଟିକିଏ ଲଜ୍ଜା ନାହିଁ, ସ୍ୱୟଂ ଗଛ ଉପରେ ମଞ୍ଚା ତିଆରି କରି ବସି ପଡ଼ିଲେ ଏବଂ ସେହି ବ୍ୟକ୍ତିକୁ ବନ୍ଦୀ କରି ରଖିଥିଲ ଯିଏ ଶତ୍ରୁଙ୍କ ମଝିରେ ନିର୍ଭୀକ ଭାବରେ ପ୍ରବେଶ କରି ଲଢିଲା ଏବଂ ନିଜ ଜୀବନର ମଧ ତିଳେ ମାତ୍ର ଭୃକ୍ଷେପ କଲା ନାହିଁ । ତେଣୁ ମୁଁ ସେହି ବ୍ୟକ୍ତିକୁ କାରାମୁକ୍ତ କରିଥିଲି । ବର୍ତ୍ତମାନ ତୁମ ଦ୍ୱାରା ଯାହା ସମ୍ଭବ ତାହା କରିପାର ।"

**ଉକ୍ତ ଘଟଣାଟି ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଲଜନାର ଏକ ଅଭିଭାଷଣରେ ବର୍ଣ୍ଣନା କରିଥିଲେ ଏବଂ ଇସ୍‌ଲାମ୍ ପାଇଁ ନାରୀମାନେ ଅତୁଳନୀୟ ଯୋଗଦାନ ଦେଇଛନ୍ତି । ସୁତରାଂ ଆଜି ବି ଅହେମଦି ନାରୀମାନଙ୍କୁ ସେହି ଉଦାହରଣକୁ ନିଜ ସମ୍ମୁଖରେ ରଖିବାକୁ ହେବ ।**

କ୍ୱାଦ୍‌ସିୟାକୁ ବିଜୟ ଲାଭ କରିବା ପରେ ଇସ୍‌ଲାମୀୟ ସୈନ୍ୟଦଳ ବାବିଲ୍‌କୁ ବିଜୟ କରିଥିଲେ । ପୁନଶ୍ଚ ସେହି ଯୁଦ୍ଧରେ ମଦାଏନ୍ ମଧ ବିଜୟ ହୋଇଥିଲା ଏବଂ ଆଁହଜ଼ରତ୍ ସ.ଅଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀ ମଧ ପୂର୍ଣ୍ଣ ହୋଇଥିଲା ।

ଏହାପରେ ହଜ଼ରତ୍ ସାଆଦ୍ ର.ଅ ହଜ଼ରତ୍ ଉମର୍ ର.ଅଙ୍କ ସେବାରେ ଉପସ୍ଥିତ ହୋଇ ଅଧିକ ଅଗ୍ରସର ହେବା ପାଇଁ ଅନୁମତି ଲୋଡ଼ିଲେ । ଏହାର ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର ର.ଅ ତାଙ୍କୁ କହିଲେ ଯେ, ସେତିକିରେ ତୁମେ ସନ୍ତୁଷ୍ଟ ହୁଅ ଏବଂ ବିଜିତ ଅଞ୍ଚଳକୁ ସୁବ୍ୟବସ୍ଥିତ ଓ ସଙ୍ଗଠିତ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କର । ସୁତରାଂ ହଜ଼ରତ୍ ସାଆଦ୍ ର.ଅ ମଦାଏନ୍‌କୁ କେନ୍ଦ୍ରରେ ପରିଣତି କରି ତାହାକୁ ସୁବ୍ୟବସ୍ଥିତ ଓ ସଙ୍ଗଠିତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ ତଥା ଉଦ୍ୟମ ଆରମ୍ଭ କରିଥିଲେ ଏବଂ ଉକ୍ତ କାର୍ଯ୍ୟକୁ ସେ ଭଲ ଭାବରେ ତୁଲାଇ ଥିଲେ । ପ୍ରଜାଙ୍କ ବିଶ୍ରାମ ତଥା ସୁଖ ସମୃଦ୍ଧି ଲାଗି ସେ ସମସ୍ତ ପ୍ରକାରର ବ୍ୟବସ୍ଥା ମଧ କରିଥିଲେ ।

ନିଜର ସୁଯୋଜିତ ଏବଂ ପ୍ରାୟୋଜିତ କାର୍ଯ୍ୟ ମାଧମରେ ସେ ଏହା ପ୍ରମାଣ କରି ଦେଖାଇ ଦେଇଥିଲେ ଯେ, ଅଲ୍ଲାଃତାଲା ତାଙ୍କୁ ଯୁଦ୍ଧ ସାମର୍ଥ୍ୟତା ତଥା ଯୋଗ୍ୟତା ପ୍ରଦାନ କରିବା ସଙ୍ଗେସଙ୍ଗେ ବ୍ୟବସ୍ଥାପକ ଯୋଗ୍ୟତା ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ମଦାଏନ୍‌ର ଜଳବାୟୁ ଆରବୀୟମାନଙ୍କ ପାଇଁ ଅନୁକୂଳ ନଥିଲା । ତେଣୁ ହଜ଼ରତ୍ ସାଆଦ୍ ର.ଅ ହଜ଼ରତ୍ ଉମର୍ ର.ଅଙ୍କ ଅନୁମତି କ୍ରମେ ଏକ ନୂତନ ସହର ସ୍ଥାପନ କରିଥିଲେ । ଯହିଁରେ ଆରବ ଦେଶର ବିଭିନ୍ନ ସଂପ୍ରଦାୟର ଲୋକମାନେ ପୃଥକ ପୃଥକ ସାହିରେ ବସତି ସ୍ଥାପନ କରିଥିଲେ ଏବଂ ସହରର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବିରାଟକାୟ ମସଜିଦ୍ ନିର୍ମାଣ କରିଥିଲେ । ଯହିଁରେ ୪୦,୦୦୦ ସଂଖ୍ୟକ ନମାଜ ପାଠକାରୀମାନେ ସାମୂହିକ ନମାଜ଼ ପଢି ପାରୁଥିଲେ ।

୨୩ ହିଜରୀରେ ଯେତେବେଳେ ହଜ଼ରତ୍ ଉମର୍ ର.ଅଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଲା ସେତେବେଳେ ହଜ଼ରତ୍ ଉମର୍ ର.ଅ ଲୋକମାନଙ୍କୁ କହିଲେ ଯେ, ଆପଣମାନେ ଖିଲାଫତ୍ ପାଇଁ କେଉଁ ବ୍ୟକ୍ତିଙ୍କୁ ନାମାଙ୍କିତ କରିବେ ? ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର୍ ର.ଅ ଖିଲାଫତ୍ ପାଇଁ ଏକ ବୋର୍ଡ଼ ଗଠନ କଲେ, ଯେଉଁ ବୋର୍ଡ଼ରେ ହଜ଼ରତ୍ ଉସମାନ, ହଜ଼ରତ୍ ଅଲୀ, ହଜ଼ରତ୍ ଅବଦ୍ଦୁର୍ ରହମାନ୍ ବିନ୍ ଔଫ୍, ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍, ହଜ଼ରତ୍ ଜୁବୈର୍ ବିନ୍ ଅୱାମ ଏବଂ ହଜ଼ରତ୍ ତଲହା ବିନ୍ ଉବୈଦୁଲ୍ଲାଃ ର.ଅ ପରି ବଡ଼ ବଡ଼ ସାହାବାମାନେ ଏହାର ସଦସ୍ୟ ଥିଲେ । ହଜ଼ରତ୍ ଉମର୍ ର.ଅ କହିଲେ ଯେ, ତୁମେମାନେ ଏହି ସାହାବାମାନଙ୍କ ମଧ୍ୟରୁ କୌଣସି ଜଣେ ବ୍ୟକ୍ତିଙ୍କୁ ନିର୍ବାଚିତ କରିନେବ । କାରଣ ରସୁଲୁଲ୍ଲାଃ ସ.ଅ ଏମାନଙ୍କୁ ବୈକୁଣ୍ଠର ଅଧିକାରୀ ରୂପେ ବିବେଚିତ କରିଛନ୍ତି । ପୁନଶ୍ଚ ହଜ଼ରତ୍ ଉମର୍ ର.ଅ କହିଲେ ଯେ, ଯଦି ଖିଲାଫତ୍ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ ର.ଅଙ୍କୁ ପ୍ରାପ୍ତ ହୁଏ ତେବେ ସେ ହିଁ ଖଲିଫା ହୁଅନ୍ତୁ, ଅନ୍ୟଥା ଯିଏ ବି ତୁମମାନଙ୍କ ମଧ୍ୟରୁ ଖଲିଫା ହେବ ସେ ସାଆଦ୍ ର.ଅଙ୍କ ଠାରୁ ସାହାଯ୍ୟ ଲୋଡ଼ିବ ।

ହୁଜୁର ଅନୱର ଅ.ବ କହିଲେ ହଜ଼ରତ୍ ଉମର୍ ର.ଅଙ୍କ ଖିଲାଫତ୍‌ରେ ଯେତେବେଳେ ଉପଦ୍ରବର ସୂତ୍ରପାତ ହେଲା, ସେତେବେଳେ ଲୋକମାନେ ହଜ଼ରତ୍ ଉମର୍ ର.ଅଙ୍କୁ ପଚାରିଲେ ଆପଣ ଖିଲାଫତ୍ ଆସନ ନିମନ୍ତେ କାହାର ଚୟନ କରି ଦିଅନ୍ତୁ । ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର୍ ର.ଅ ତାହାକୁ ଦୂରୀଭୂତ କରିବା ପାଇଁ ସାହାବାମାନଙ୍କର ଉତ୍ସାହମୂଳକ ପ୍ରୟାସର ଚର୍ଚ୍ଚା କରି କହନ୍ତି ଯେ, ସାହାବାମାନଙ୍କୁ ବର୍ତ୍ତମାନ ହଜ଼ରତ୍ ଉସମାନ୍ ର.ଅଙ୍କ ନିକଟରେ ଏକତ୍ରିତ ହେବାକୁ ସୁଯୋଗ ଦିଆଯାଉ ନଥିଲା । କିନ୍ତୁ ଏହା ସତ୍ତ୍ୱେ ସେମାନେ ନିଜର କର୍ତ୍ତବ୍ୟରୁ ଓହରି ନଥିଲେ । ଔଚିତ୍ୟତା ଅନୁଯାୟୀ ସେମାନେ ନିଜକୁ ଦୁଇ ଭାଗରେ ବିଭକ୍ତ କରିଥିଲେ। ଯେଉଁମାନେ ବୟସ୍କ ସାହାବା ଥିଲେ ଏବଂ ଯେଉଁମାନଙ୍କର ଚାରିତ୍ରିକ ପ୍ରଭାବ ଜନତାଙ୍କ ଉପରେ ଗଭୀର ଭାବରେ ରହିଥିଲା । ସେମାନେ ନିଜର ସମୟକୁ ଲୋକମାନଙ୍କୁ ବୁଝାଇବାରେ ଅତିବାହିତ କରୁଥିଲେ ଏବଂ ଯେଉଁମାନେ ଏହିପରି ପ୍ରଭାବଶାଳୀ ନଥିଲେ କିମ୍ବା ଯେ ଯୁବ ସାହାବୀ ଥିଲେ, ସେମାନେ ହଜ଼ରତ୍ ଉସ୍‌ମାନ ର.ଅଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ । ପ୍ରାଥମିକ ରୂପେ କହିବାକୁ ଗଲେ ଜମାଅତ୍‌ରେ ଉପଦ୍ରବକୁ କମ କରିବାରେ ହଜ଼ରତ୍ ଅଲୀ ଏବଂ ଫାରସ୍‌ର ବିଜେତା ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଗୁରୁତ୍ୱପୂରଣ୍ଣ ଯୋଗଦାନ ରହିଥିଲା । ହଜ଼ରତ୍ ଉସ୍‌ମାନ ର.ଅଙ୍କ ପରେ ହଜ଼ରତ୍ ଅଲୀ ର.ଅଙ୍କ

ଖିଲାଫତରେ ମଧ୍ୟ ହଜରତ୍ ସାଆଦ୍ ର.ଅ ଏକାନ୍ତ ବାସରେ ହିଁ ରହିଥିଲେ । ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହଜରତ୍ ଅଲୀ ର.ଅ ଏବଂ ଅମୀର୍ ମୁଆୱିୟାଙ୍କ ମଧ୍ୟରେ ବିତର୍କ ଏବଂ ଦ୍ୱନ୍ଦ୍ୱ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ଅମୀର୍ ମୁଆୱିୟା ତିନି ଜଣ ସାହାବା, ହଜରତ୍ ଅବଦୁଲ୍ଲାଃ ବିନ୍ ଉମର୍, ହଜରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ଏବଂ ହଜରତ୍ ମୁହମ୍ମଦ୍ ବିନ୍ ମୁସଲ୍‌ମାଙ୍କୁ ନିଜର ସହାୟତା ପାଇଁ ପତ୍ର ଲେଖିଲେ । ଏମାନେ ହଜରତ୍ ଅଲୀ ର.ଅଙ୍କ ବିପକ୍ଷରେ ତାଙ୍କୁ ଅର୍ଥାତ ଅମୀର୍ ମୁଆୱିୟାକୁ ସହଯୋଗ କରନ୍ତୁ । ଉକ୍ତ କଥା ଉପରେ ଏହି ତିନିଜଣ ସାହାବାମାନେ ଅମୀର୍ ମୁଆୱିୟାକୁ ସାହାଯ୍ୟ କରିବାକୁ ରୋକଠୋକ୍ ଭାବରେ ଅସ୍ୱୀକାର କରି ଦେଇଥିଲେ ବା ନାସ୍ତିବାଣୀ ଶୁଣାଇ ଦେଇଥିଲେ ।

ଏକଦା ଅମୀର୍ ମୁଆୱିୟା ହଜରତ୍ ସାଆଦ୍ ର.ଅଙ୍କୁ ପଚାରିଲେ ଯେ, ହଜରତ୍ ଅଲୀ ର.ଅଙ୍କୁ ଖରାପ କହିବାକୁ ଆପଣଙ୍କୁ କେଉଁ ବସ୍ତୁ ବାରଣ କରିଛି ? ହଜରତ୍ ସାଆଦ୍ ର.ଅ କହିଲେ ଆଁହଜରତ୍ ସ.ଅ ତାଙ୍କ ସଂପର୍କରେ ତିନୋଟି କଥା କହିଛନ୍ତି । **ପ୍ରଥମତଃ**- ଏକଦା ଆଁହଜରତ୍ ସ.ଅ ହଜରତ୍ ଅଲୀ ର.ଅଙ୍କୁ ନିଜ ପଛରେ ମହିଳା ଓ ପିଲାମାନଙ୍କ ଯତ୍ନ ନେବାର ଦାୟିତ୍ୱ ନ୍ୟସ୍ତ କରି ଯୁଦ୍ଧ ଲଢିବାକୁ ଗଲେ । ପ୍ରତ୍ୟୁତ୍ତରରେ ହଜରତ୍ ଅଲୀ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମୋତେ ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ଦାୟିତ୍ୱରେ କାହିଁକି ଛାଡ଼ି ଯାଉଛନ୍ତି ? ତେବେ ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ "*କ'ଣ ତୁମେ ଏଥିରେ ପ୍ରସନ୍ନ ନାହଁ ଯେ, ତୁମର ମୋ ସହିତ ସେହିପରି ସଂପର୍କ ରହିଛି ଯେପରି ହଜରତ୍ ମୁସା ଅ.ସଙ୍କ ହଜରତ୍ ହାରୁନ୍ ଅ.ସଙ୍କ ସହିତ ଥିଲା । କିନ୍ତୁ ଉକ୍ତ କଥାରେ କେବଳ ଗୋଟିଏ ଅନ୍ତର ରହିଛି ଏବଂ ତାହା ହେଉଛି ହଜରତ୍ ହାରୁନ୍ ଅ.ସ ନବୀ ଥିଲେ ଏବଂ ମୋ ବିୟୋଗ ପରେ ତୁମକୁ ଅବତାରତ୍ତ୍ୱର ମର୍ଯ୍ୟାଦା ପ୍ରାପ୍ତ ହେବ ନାହିଁ* ।" **ଦ୍ୱିତୀୟତଃ**- ଖୈବର୍ ଯୁଦ୍ଧ ଅବସରରେ ଆଁହଜରତ୍ ସ.ଅ କହିଲେ ଯେ, ମୁଁ ଏପରି ବ୍ୟକ୍ତିକୁ ଇସ୍‌ଲାମ୍‌ର ଧ୍ୱଜା ପ୍ରଦାନ କରିବି ଯିଏ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କୁ ଭଲ ପାଉଥିବ ଏବଂ ଅଲ୍ଲାଃତାଲା ଓ ରସୁଲ୍ ମଧ୍ୟ ସେହି ବ୍ୟକ୍ତିକୁ ଭଲ ପାଉଥିବେ । ସୁତରାଂ ଆଁହଜରତ୍ ସ.ଅ ସେବାରେ ହଜରତ୍ ଅଲୀ ର.ଅ ଉପସ୍ଥିତ ହେଲେ, ତାଙ୍କର ଚକ୍ଷୁ ସମସ୍ୟା ଥିଲା । ରସୁଲୁଲ୍ଲାଃ ସ.ଅ ତାଙ୍କ ଆଖିରେ ନିଜ ମୁଖର ପବିତ୍ର ଲାଳ ପକାଇଲେ ଏବଂ ତାଙ୍କୁ ଇସଲାମୀୟ ଧ୍ୱଜା ପ୍ରଦାନ କଲେ । ଅଲ୍ଲାଃତାଲା ସେଦିନି ମୁସଲମାନମାନଙ୍କୁ ବିଜୟ ବିମଣ୍ଡିତ କରିଥିଲେ । ପୁନଶ୍ଚ ଯେତେବେଳେ ସେ **ତୃତୀୟ** କଥା ବର୍ଣ୍ଣନା କଲେ ସେତେବେଳେ ନିମ୍ନ ଆୟତଟି ଅବତୀର୍ଣ୍ଣ ହୋଇଥିଲା । ***ଫକୁଲ୍ ତାଲୌ ନଦ୍‌ଉ ଅବ୍‌ନାଆନା ୱ ଅବ୍‌ନାଉକୁମ୍ ୱ ନିସାଅନା ୱ ନିସାଅକୁମ୍*** । ଅର୍ଥାତ୍ ତୁମ୍ଭେ କହିଦିଅ ଯେ, ଆସ ଆମେ ନିଜ ପୁତ୍ରଙ୍କୁ ଡ଼ାକୁଛୁ ଏବଂ ତୁମେ ନିଜ ପୁତ୍ରଙ୍କୁ ଡ଼ାକ । ଆମେ ନିଜ ମହିଳାମାନଙ୍କୁ ଡ଼ାକୁଛୁ ଏବଂ ତୁମେ ନିଜ ମହିଳାମାନଙ୍କୁ ଡ଼ାକ । ଯେତେବେଳେ ଉକ୍ତ ଆୟତଟି ଅବତୀର୍ଣ୍ଣ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ହଜରତ୍ ଅଲୀ ର.ଅ ଏବଂ ଫାତିମା ଏବଂ ହସନ୍ ଓ ହୁସୈନ୍ ର.ଅଙ୍କୁ ଡ଼ାକିଲେ ଯେ, ହେ ପ୍ରଭୁ ! ଏମାନେ ହେଉଛନ୍ତି ମୋର କୁଟୁମ୍ବ ।

ହଜରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ସୁପୁତ୍ର ମସ୍‌ଅବ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୋ ପିତାଙ୍କ ଶେଷ ସମୟ ଆସିଲା ସେତେବେଳେ ତାଙ୍କର ମସ୍ତକ ମୋ କୋଳରେ ଥିଲା ।

ମୋ ପିତା ମୋର ଲୁହକୁ ଦେଖି ପାରୁଥିଲେ ଏବଂ ମୋତେ କହିଲେ ଯେ, ହେ ମୋର ପ୍ରିୟ ପୁତ୍ର ! କେଉଁ କଥା ତୁମକୁ ରୋଦନ କରାଉଛି । ମୁଁ ଉତ୍ତର ଦେଲି ଯେ, ହେ ପିତାଶ୍ରୀ ! ଆପଣଙ୍କ ବିୟୋଗର ବ୍ୟଥା ଏବଂ ଆପଣଙ୍କ ବିୟୋଗ ପରେ ମୁଁ ଆପଣଙ୍କ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିକୁ ଆପଣଙ୍କ ସମତୁଲ୍ୟ ଦେଖୁ ନାହିଁ । ପ୍ରତ୍ୟୁତ୍ତରରେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ କହିଲେ ମୋ ମୃତ୍ୟୁରେ ତୁମେ ଲୁହ ଝରାଅ ନାହିଁ । ଅଲ୍ଲାଃତାଲା କଦାପି ମୋତେ ନର୍କାଗ୍ନିର ଶାସ୍ତି ପ୍ରଦାନ କିରବେ ନାହିଁ କାରଣ ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ। କେତେକ ଲୋକ ଆପତ୍ତି କରନ୍ତି ଯେ, ସେ କିପିର ବୈକୁଣ୍ଠବାସୀ ହୋଇଗଲେ ଏବଂ ସେ ନିଜେ ଏ କଥା କିପରି କହୁଛନ୍ତି ? ତେବେ ଏହାର ଉତ୍ତରରେ ହଜ଼ରତ୍ ସାଆଦ୍ ର.ଅ ଏଠାରେ ମଧ୍ୟ କହୁଛନ୍ତି ଯେ, ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ୫୫ ହିଜରୀରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବେଳେ ତାଙ୍କୁ ୭୦ ବର୍ଷ ବୟସରୁ କିଞ୍ଚିତ ଅଧିକ ବର୍ଷ ହୋଇଥିଲା । ତାଙ୍କର ଯନାଜ଼ାଃ ମୁରୱାନ୍ ବିନ୍ ହକମ୍ ପଢିଥିଲେ । ଯିଏକି ସେତେବେଳେ ମଦିନାର ଶାସକ ଥିଲେ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ ର.ଅଙ୍କ ଯନାଜ଼ାଃରେ ଆଁହଜ଼ରତ୍ ସ.ଅଙ୍କର ପତ୍ନିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ଜନ୍ନତୁଲ୍ ବକ଼ି ଠାରେ କବର ଦିଆଯାଇଥିଲା । ସୁତରାଂ ଆଁହଜ଼ରତ୍ ସ.ଅଙ୍କ ପବିତ୍ର ସହଧର୍ମିଣୀମାନଙ୍କୁ ଏହି ସୂଚନା ମିଳିଲା ଯେ, ଲୋକମାନେ ଯନାଜ଼ାଃ ମସଜିଦ୍ ଭିତରକୁ ଆଣିବା ପ୍ରସଙ୍ଗକୁ କେନ୍ଦ୍ର କରି ସମାଲୋଚନା କରୁଛନ୍ତି ଏବଂ କହୁଛନ୍ତି ଯେ, ମସଜିଦ୍ ଭତରକୁ ଯନାଜ଼ାଃ ପ୍ରବେଶ କରାଇବା ନିଷେଧ ଅଟେ । ସୁତରାଂ ଯେତେବେଳେ ହଜ଼ରତ ଆଏଶା ର.ଅ ଏହି କଥା ଜାଣିବାକୁ ପାଇଲେ ଯେ, ଲୋକମାନେ କେତେ ଶୀଘ୍ର ଏପରି କଥା ଉପରେ ସମୋଲୋଚନା କରିବା ଆରମ୍ଭ କରି ଦିଅନ୍ତି । ଯାହାର ସେମାନଙ୍କୁ କୌଣସି ଧାରଣା ନାହିଁ । ହଜ଼ରତ୍ ଆଏଶା ର.ଅ କହିଲେ ଲୋକମାନେ ଆମ ଉପରେ ଆପତ୍ତି କଲେ ଯେ, ମସ୍‌ଜିଦ୍ ଭିତରୁ ଯନାଜାଃ ଅତିକ୍ରମ କଲା । ଅପର ପକ୍ଷରେ ଆଁହଜ଼ରତ୍ ସ.ଅ ହଜ଼ରତ୍ ସହଲ୍ ବିନ୍ ବୈଜ଼ା ର.ଅଙ୍କ ନମାଜ୍ ଯନାଜ଼ାଃ ମସ୍‌ଜିଦ୍ ଭିତରେ ହିଁ ପଢିଥିଲେ । ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଭିନ୍ନ ଭିନ୍ନ ସମୟରେ ୯ଟି ବିବାହ କରିଥିଲେ ଏବଂ ସେମାନଙ୍କ ଠାରୁ ଅଲ୍ଲାଃତାଲା ତାଙ୍କୁ ୩୪ଟି ସନ୍ତାନ ପ୍ରଦାନ କରିଥିଲେ । ତନ୍ମଧ୍ୟରୁ ୧୭ ଜଣ ବାଳକ ଏବଂ ୧୭ କନ୍ୟା ସନ୍ତାନ ଥିଲେ ।

ଖୁତ୍‌ବା ଜୁମା ଅନ୍ତେ ହୁଜୁର୍ ଅନୱର୍ ଅ.ବ ସମ୍ମାନନୀୟ ସଫଦର୍ ଅଲୀ ଗୁଜର୍ ସାହେବ୍, ସମ୍ମାନନୀୟା ମହୋଦୟା ଇଫ୍ଫତ୍ ନସୀର ସାହେବା, ସମ୍ମାନନୀୟ ମହୋଦୟ ଅବ୍ଦୁର୍ ରହୀମ୍ ସାକ଼ି ସାହେବ୍, ସମ୍ମାନନୀୟ ସଇଦ୍ ଅହେମଦ୍ ସହେଗଲ୍ ସାହେବଙ୍କ ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ୍ ଜୁମା ଅନ୍ତେ ଏମାନଙ୍କର ନମାଜ଼ା ଯନାଜ଼ାଃ ଗାଏବ୍ ମଧ୍ୟ ପଢେଇଲେ ।

**KHULASA KHUTBA JUMA HUZOOR ANWAR a.b.a**

**14th Aug 2020**

.........................